# ଓପିଜିସି ବିଶ୍ୱର ଅନ୍ୟତମ ସର୍ବଶ୍ରେଷ୍ଠ ପାୱାରପ୍ଲାଣ୍ଟ -ଭି.କୁପ୍ପୁସ୍ୱାମୀ

## ଓପିଜିସିକୁ କେନ୍ଦ୍ର ସିଏଜିର ପ୍ରଶଂସା

ଝାରସୁଗୁଡା ୦୩/୧୧(ସ.ପ୍ର)- ଝାରସୁଗୁଡା ବନହରପାଲି ସ୍ଥିତ ଓପିଜିସି ଇବ୍ରଥର୍ମାଲକୁ କେନ୍ଦ୍ର ସିଏଜି ପ୍ରସଂଶା କରିଛି । ସମଗ୍ର ଦେଶର ବିଭିନ୍ନ ରାଜ୍ୟରେ ଥିବା ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ମଧ୍ୟରେ ଓପିଜିସି ଏକ ଭଲ ପରିଚାଳିତ ଓ ବ୍ୟବସ୍ଥିତ ପାୱାର ପ୍ଲାଣ୍ଟ ବୋଲି କୁହାଯାଇଛି । ଭାରତୀୟ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲର ନୂଆଦିଲ୍ଲୀ କାର୍ଯ୍ୟାଳୟ ତରଫରୁ ୨୦୦୫ରୁ ୨୦୧୦ ପର୍ଯ୍ୟନ୍ତ ପାଞ୍ଚଟି ଆର୍ଥିକ ବର୍ଷର କରାଯାଇଥିବା ଅଡିଟ୍ ରିପୋର୍ଟ ଗତ ୩୧ ତାରିଖରେ ପ୍ରକାଶ ପାଇଛି । ଏହି ରିପୋର୍ଟରେ ଓପିଜିସିର କାର୍ଯ୍ୟାବଳୀକୁ ପ୍ରସଂଶା କରାଯାଇଥିବା ଘଟଣା ଉଭୟ ଓପିଜିସି ଓ ରାଜ୍ୟ ସରକାରଙ୍କ ପାଇଁ ଖୁସିଖବର ଆଣି ଦେଇଛି ।

ପ୍ରକାଶ ପାଇଥିବା ଏହି କେନ୍ଦ୍ରୀୟ ସିଏଜି ରିପୋର୍ଟ ଅନୁସାରେ ବିଜୁଳି ଉତ୍ପାଦନ ହେଉଥିବା ଦେଶର ସମସ୍ତ ପାୱାର ପ୍ଲାଣ୍ଟର କାର୍ଯ୍ୟାବଳି, ଉତ୍ପାଦନ କ୍ଷମତା ଓ ପରିଚାଳନା ବ୍ୟବସ୍ଥା ସର୍ବୋପରି ପାରଦର୍ଶିତା ଉପରେ କେନ୍ଦ୍ରୀୟ ସିଏଜି ଅଡିଟ୍ କରିଥିଲା । ଏହି ଅଡିଟ୍ ରିପୋର୍ଟରେ ଦେଶର ଅନ୍ୟ ପାୱାର ପ୍ଲାଣ୍ଟ ଅପେକ୍ଷା ଓପିଜିସିରେ ରହିଥିବା ପ୍ରଭାବିତ ପରିଚାଳନା ବ୍ୟବସ୍ଥାକୁ ପ୍ରସଂଶା କରାଯାଇଛି । କାର୍ଯ୍ୟାବଳି, ଉତ୍ପାଦନ କ୍ଷମତା, ତ୍ରୁଟି ବିଚ୍ୟୁତି ସମେତ ଓପିଜିସିର ସମସ୍ତ କାର୍ଯ୍ୟକଳାପକୁ ତଦାରଖ କରି ଲକ୍ଷ ହାସଲ ପାଇଁ ବୋର୍ଡ ଅଫ ଡାଇରେକ୍ଟର ଭଳି ଏକ ପ୍ରଭାବିତ ବ୍ୟବସ୍ଥା ରହିଥିବା ଉଲ୍ଲେଖ ରହିଛି । ଯାହାକି ଅନ୍ୟ ପାୱାର ପ୍ଲାଣ୍ଟର ନଥିବା ଜଣାପଡିଛି ବୋଲି କୁହାଯାଇଛି । ନିଶ୍ଚିତ ଭାବରେ ଏହା ଏକ ଖୁସି ଖବର । ଏହି ବ୍ୟବସ୍ଥା ଯୋଗୁଁ ହିଁ ବିଜୁଳି ଉତ୍ପାଦନ କ୍ଷେତ୍ରରେ ଓପିଜିସି ସଫଳତା ହାସଲ କରିଛି ବୋଲି ଓପିଜିସିର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟ ଚଲମ କୁପ୍ପୁସ୍ୱାମୀ 'ସମାଜ'କୁ କହିଛନ୍ତି । ସମଗ୍ର ବିଶ୍ୱରେ ବିଜୁଳି ଉତ୍ପାଦନ କରୁଥିବା ଶ୍ରେଷ୍ଠ ପାୱାର ପ୍ଲାଣ୍ଟମାନଙ୍କ ମଧ୍ୟରେ ଓପିଜିସି ଅନ୍ୟତମ । ଓପିଜିସିର ଫୋର୍ସଡ୍ ଆଉଟରେଜ୍ ରେଟ୍ ବହୁତ କମ୍ ଯା'ଫଳରେ ଏହି ମାନ୍ୟତା ପାଇଛୁ ବୋଲି ସେ କହିଛନ୍ତି । ଆଜି ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଶ୍ରୀ କୁପ୍ପୁସ୍ୱାମୀ ଆମପ୍ରତିନିଧିଙ୍କୁ କହିଛନ୍ତି ଯେ, ଓପିଜିସିର ୩ୟ ଓ ୪ର୍ଥ ୟୁନିଟ କାର୍ଯ୍ୟ ଆରମ୍ଭ ଖୁବଶୀଘ୍ର କରାଯିବ । ମୋଟ ୧୩୨୦ ମେଗାୱାଟ୍ ବିଜୁଳି ଉତ୍ପାଦନ କ୍ଷମତା ଥିବା ଏହି ଦୁଇଟି ୟୁନିଟ ଯୋଜନା ଅଟକଳ ୧୧ହଜାର ୫ଶହ କୋଟି ଟଙ୍କା ରହିଛି । ଏହାର ୭୫ ପ୍ରତିଶତ ଋଣ ମଞ୍ଜୁରୀ ହୋଇସାରିଛି । ଖୁବଶୀଘ୍ର ଏଗ୍ରିମେଣ୍ଟ ସ୍ୱାକ୍ଷର ହେବାକୁ ଯାଉଛି । ମନୋହରପୁର କୋଲ୍ ବ୍ଲକ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ଷ୍ଟେଜ-୧ କ୍ଲିୟରାନ୍ସ ହୋଇଯାଇଛି ।



ବଏଲର ଟରବାଇଣ୍ଡ, ଜେନେରେଟର୍ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି । ଆସନ୍ତା ୯ ତାରିଖରେ ଏହି ଟେଣ୍ଡର ଖୋଲିବ ଏବଂ ଡିସେମ୍ବର ମାସ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରାଯାଇ କାର୍ଯ୍ୟାଦେଶ ଦିଆଯିବ । ତେବେ ଆସପଣ୍ଡ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ଏଥିପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସହଯୋଗ ମିଳୁଛି ବୋଲି ସେ ସୂଚନା ଦେଇଛନ୍ତି ।